# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 9 June – 2024

---

## ନୂଆ ସରକାର - ଶପଥ ଗ୍ରହଣ

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ - ଏନ୍.ଡି.ଏ.ର ସଂସଦୀୟ ଦଳ ନେତା ନରେନ୍ଦ୍ର ମୋଦି ଆଜି ତୃତୀୟ ଥରପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଭବନରେ ଆଜି ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ଶ୍ରୀ ମୋଦୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ନୂତନ ସଦସ୍ୟଗଣଙ୍କୁ ରାଷ୍ଟ୍ରପତି ଶପଥ ପାଠ କରାଇବେ।

ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ପଡ଼ୋଶୀ ଦେଶ ନେତାମାନେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ୍ ବିକ୍ରମାସିଙ୍ଗେ, ମାଳଦ୍ୱୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୋଇଜୁ, ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବୀନ କୁମାର ଜୁଗନୌଥ, ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପକମଳ ଦହଲ, ଭୁଟାନ୍‌ର ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ଟୋବ୍‌ଗେ ପ୍ରମୁଖ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ । ଶପଥଗ୍ରହଣ ଉତ୍ସବ ପାଇଁ ସମଗ୍ର ଦିଲ୍ଲୀରେ ହାଇଆଲର୍ଟ ଜାରି କରାଯିବା ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଜି ଏବଂ ଆସନ୍ତାକାଲି ଦିଲ୍ଲୀକୁ ନୋ-ଫ୍ଲାଏ ଜୋନ୍ ଘୋଷଣା କରାଯାଇଛି ।

ସୂଚନାଯୋଗ୍ୟ ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ ।

## ଆଞ୍ଚଳିକ ସମ୍ବାଦ

ପ୍ରଧାନମନ୍ତ୍ରୀଙ୍କର ଶପଥ ଗ୍ରହଣ ସମାରୋହକୁ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ସନ୍ଧ୍ୟା ୬ଟା ୪୫ ମିନିଟ୍‌ରୁ ଓଡ଼ିଆ ଭାଷାରେ ସିଧା ପ୍ରସାରଣ କରାଯିବ । ଏହି କ୍ରମରେ ଆଜିର ସନ୍ଧ୍ୟା ଆଞ୍ଚଳିକ ସମ୍ବାଦ ୬ଟା ୪୫ ପରିବର୍ତ୍ତେ, ସନ୍ଧ୍ୟା ସାଢ଼େ ୬ଟାରେ ପ୍ରସାରଣ କରାଯିବ ।

## ଓଡ଼ିଶା ମୁଖ୍ୟମନ୍ତ୍ରୀ-ଶପଥଗ୍ରହଣ

ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଚୟନ ନେଇ ବିଜେପି ସଂସଦୀୟ ବୋର୍ଡରେ ଚୂଡାନ୍ତ ନିଷ୍ପତ୍ତି ହେବ । ଆସନ୍ତାକାଲି ପୂର୍ବାହ୍ନରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ, ଏଥିରେ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ଚୟନ ପରେ ସଂଧ୍ୟାରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଇତିମଧ୍ୟରେ ୨ଜଣ ବିଜେପି ନେତା ମଧ୍ୟପ୍ରଦେଶର ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ବିଶ୍ୱାସ କୈଳାସ ସାରଙ୍ଗ ଏବଂ ମଧ୍ୟପ୍ରଦେଶ ବିଜେପିର ପୂର୍ବତନ ସଂଗଠନ ମନ୍ତ୍ରୀ ଆଶୁତୋଷ ତିୱାରୀ ଭୁବନେଶ୍ୱରଠାରେ ପହଞ୍ଚି ଶପଥଗ୍ରହଣ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି ।

ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବ ପାଇଁ ଭୁବନେଶ୍ୱର ଜନତା ମଇଦାନରେ ଜୋର୍‌ଦାର ପ୍ରସ୍ତୁତି ଚାଲିଛି । ଗତକାଲି ଏସ୍‌ପିଜି ଟିମ୍ ସହ

ଓଡ଼ିଶା ପୁଲିସର ବରିଷ୍ଠ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି । ବିମାନ ବନ୍ଦରରୁ ଉତ୍ସବ ସ୍ଥଳ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଆଜିଠାରୁ ଭୁବନେଶ୍ୱରକୁ ପୋଲିସ ଛାଉଣିରେ ରଖାଯାଇଛି । ସହରରେ ବ୍ଲକିଂ ଓ ଚେକିଂକୁ ଜୋର୍‌ଦାର କରାଯାଇଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି ।

# ଶ୍ରୀମନ୍ଦିର-ନାଟମଣ୍ଡପ କାର୍ଯ୍ୟ ଅନୁଧ୍ୟାନ

ପୁରୀ ଶ୍ରୀମନ୍ଦିର ପାଇଁ ହାଇକୋର୍ଟଙ୍କ ପକ୍ଷରୁ ନିଯୁକ୍ତ ଆମିକସ୍ କ୍ୟୁରୀ, ଏନ୍.କେ. ମହାନ୍ତି ଗତକାଲି ପୁରୀରେ ଆଲୋକୀକରଣ କାର୍ଯ୍ୟ ସହ ନାଟମଣ୍ଡପ ବିମ୍ ମରାମତି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଏଏସ୍ଆଇ ପକ୍ଷରୁ ଚାଲିଥିବା ନାଟମଣ୍ଡପର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ପୂର୍ବରୁ ଜଗମୋହନ ମରାମତି କାର୍ଯ୍ୟ ଶେଷ ହୋଇଥିଲା । ଆଗାମୀ ଦିନରେ ଏଏସ୍ଆଇ ଏହାର ସଂରକ୍ଷଣ କାର୍ଯ୍ୟ କରିବ । ସୂଚନା ଅନୁସାରେ ଶ୍ରୀମନ୍ଦି ଚତୁଃପାର୍ଶ୍ୱରେ ଫୋକସ୍ ଲାଇଟ୍ ବନ୍ଦ ହୋଇଥିବା ଜାଣି ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହାସହ ଶ୍ରୀ ମହାନ୍ତି ପୁନଃ ଆଲୋକୀକରଣ ନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଥିଲେ ।

# ଶ୍ରୀମନ୍ଦିର-ଆଲୋକୀକରଣ

ପୁରୀ ଶ୍ରୀମନ୍ଦିରରେ ଗତକାଲିଠାରୁ ପୁନଃ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଲାଗିଥିବା ଲାଇଟ୍‌ଗୁଡ଼ିକୁ ସଂପୃକ୍ତ ସଂସ୍ଥା ଅପସରଣ କରିବା ପରେ ଶ୍ରୀମନ୍ଦିରର ଆଲୋକୀକରଣ ବନ୍ଦ ହୋଇ ଯାଇଥିଲା । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଶ୍ରୀମନ୍ଦିରର ଆଲୋକୀକରଣ ଅବ୍ୟବସ୍ଥା ଉପରେ ପୁରୀ ଜିଲ୍ଲାପାଳଙ୍କୁ ଅନୁସନ୍ଧାନ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଶୀତଲଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଲଷଷ୍ଠୀ ଯାତ୍ରା ପାଇଁ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ନିମନ୍ତେ ଗତକାଲି ପତରପେଣ୍ଡୀ ପରମ୍ପରା ସମ୍ପନ୍ନ ହୋଇଛି । ପୂର୍ବରୁ ନନ୍ଦପଡ଼ାର ଦେବାଧିଦେବ ମହାଦେବଙ୍କ ପତରପେଣ୍ଡି ଅନୁଷ୍ଠିତ ହୋଇଥିବାବେଳେ ଗତକାଲି ମୋଦୀପଡାର ଜାଗେଶ୍ୱର ବାବା, ବଡବଜାରର ଶୀତଳେଶ୍ୱର ବାବା, ଲୋକନାଥ ବାବାଙ୍କ ପତରପେଣ୍ଡି ସମ୍ପନ୍ନ ହୋଇଛି । ଆଜି ଦେବ ନିମନ୍ତ୍ରଣ ବା ଗୁଆଗୁଣ୍ଡା ରହିଛି । ଆସନ୍ତାକାଲି ଶୀତଲଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଶିବବିବାହ, ମଙ୍ଗଳବାର ନଗର ପରିକ୍ରମା ଏବଂ ବୁଧବାର ଦେବଦମ୍ପତିଙ୍କର ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି ।

## ଅଲିଭ୍ ରିଡ୍‌ଲେ ସୁରକ୍ଷା

ଗୋପାଳପୁର ବେଳାଭୂମିରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ସବୁଜବାହିନୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ଜୈବ ବୈଜ୍ଞାନିକ ଅନୀଲ ମହାପାତ୍ର ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବହୁସଂଖ୍ୟାରେ ସାମୁଦ୍ରିକ ଜୀବ ଲୋପ ପାଇ ଯାଉଥିବା କହିଛନ୍ତି । ଏ ଦିଗରେ ସଚେତନତାର ଆବଶ୍ୟକତା ରହିଥିବା ସେ କହିଛନ୍ତି ।

## ଅଭିଲେଖାଗାର ଦିବସ

ଅଭିଲେଖାଗାରର ଉପଯୋଗିତା ଓ କାର୍ଯ୍ୟକାରୀତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅଭିଲେଖାଗାର ଦିବସ ପାଳନ କରାଯାଉଛି । ୧୯୦୭ ମସିହା ଜୁନ୍ ୯ ତାରିଖରେ ଆନ୍ତର୍ଜାତୀୟ ଅଭିଲେଖା ପରିଷଦ ପକ୍ଷରୁ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷ 'ସାଇବର ଆର୍କାଇବ୍‌ସ' ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ପ୍ରବେଶ କରିଛି । ଏହାର ପ୍ରଭାବରେ ଗତକାଲି ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ଜଣାପଡିଛି । ମାଲକାନଗିରିରେ ଗତ ୨୪ଘଣ୍ଟା ମଧ୍ୟରେ

ସର୍ବାଧିକ ୫୫ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।